# ରବୀନ୍ଦ୍ର ମଣ୍ଡପରେ ନୂଆ ନାଟକ

୧୨/୦୩/୧୯୮୯

ରବୀନ୍ଦ୍ର ମଣ୍ଡପରେ ନିତିଦିନ ସୌଖୀନ କଳାକାରମାନଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେବା କଥା ପ୍ରାୟ ସମସ୍ତେ ଜାଣନ୍ତି । କିନ୍ତୁ ଗତ ୩ ତାରିଖ ସନ୍ଧ୍ୟାରେ ଯେଉଁ ନାଟକଟି ଅଭିନୀତ ହେଲା ତାହା ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ଥିଲା ଏବଂ ଆମ ବିଗ୍ରରରେ ଆମ ସମସ୍ତଙ୍କ ପାଇଁ ଶିକ୍ଷଣୀୟ ମଧ୍ୟ ହୋଇଥିଲା ।

ଖବରକାଗଜରେ ପ୍ରକାଶିତ ବିଭିନ୍ନ ବିବରଣୀ ଏବଂ ବିଧାନସଭାର ଯତ୍‌କିଞ୍ଚିତ ଆଲୋଚନାରୁ ଏ ନାଟକର ଅସଲ ମର୍ମ ବୁଝି ହେଉଛି ବୋଲି କହି ହେବ ନାହିଁ । ଆଙ୍ଗିକ ଦୃଷ୍ଟିରୁ ବିଗ୍ଭର କରି ଆଗପଛ କରି ସଜା ହୋଇଥିବା ଚଉକୀ ଗୁଡ଼ିକରେ କିଏ କେଉଁଠି ବସିବ, ସେ ନେଇ ଯେଉଁ ଅପ୍ରୀତିକର ବିବାଦଟି ଉପୁଜିଲା ତାହାହିଁ ସମସ୍ୟାର ମୂଳକାରଣ ବୋଲି କୁହାଯାଉଛି ଏବଂ ସରକାର ଏହାର ସମାଧାନ ପାଇଁ ଗୃହର ଏକ ସ୍ୱତନ୍ତ୍ର କମିଟୀକୁ ତଦନ୍ତ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି । କମିଟୀ ମଧ୍ୟ ତାଙ୍କର ତଦନ୍ତ ଆରମ୍ଭ କଲେଣି । କିନ୍ତୁ କମିଟୀ ଯେ ଅସଲ ଆତ୍ମିକ ପ୍ରଶ୍ନର ଉତ୍ତର ଖୋଜିବାରେ ସଫଳ ହେବ, ସେ ନେଇ ଆମର ଯଥେଷ୍ଟ ସନ୍ଦେହ ରହିଛି । କାରଣ ଆମ ବ୍ୟବସ୍ଥାର ସମସ୍ତ ବ୍ୟାଧିର ନିଦାନ ପାଇଁ 'କମିଟୀ' କରିଦେବା ଏକ ସହଜ ଓ କାମଚଲା ଫେସନ ହେଲାଣି । କମିଟୀ ହୁଏତ କାଲି ନିର୍ଣ୍ଣୟ କରିବ ଏ ବିଭ୍ରାଟ ପାଇଁ ଦାୟୀ କିଏ ? ତାପରେ ହୁଏତ ସରକାର ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ସବୁଦିନ ପାଇଁ କିଏ କେଉଁଠି ବସିବ ତା'ର ଏକ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଯିବ । କିନ୍ତୁ ସରକାର ଯଦି ଚିନ୍ତା କରୁଥାନ୍ତି ଯେ ରବୀନ୍ଦ୍ର ମଣ୍ଡପର ସମସ୍ୟାଟି 'ଆଗପଛ ଚଉକୀରେ କିଏ କେଉଁଠି ବସିବ' ପରି ଆଙ୍ଗିକ ପ୍ରଶ୍ନରେ ସୀମିତ, ତା'ହେଲେ ବିରାଟ ବଡ଼ ଭୁଲ କରୁଛନ୍ତି ବୋଲି କହିବାକୁ ହେବ ।

ଆମ ବିଗ୍ଭରରେ ଔପଗ୍ଭରିକ ଆଙ୍ଗିକ ପ୍ରଶ୍ନ ଅତିରିକ୍ତ ଅନେକଗୁଡ଼ିଏ ଆତ୍ମିକ ପ୍ରଶ୍ନ ସେ ନାଟକଟି ଉତ୍‌ଥାପନ କରିଛି । ସେସବୁର ଉତ୍ତର ଆମେ ଯେଉଁମାନେ ଆମ ବ୍ୟବସ୍ଥାର କାରପଟଦାର ସାଜିଛୁ ସେମାନଙ୍କୁ ଦେବାପାଇଁ ପଡ଼ିବ । ପ୍ରଥମ ପ୍ରଶ୍ନ ହେଲା ଆମ ବ୍ୟବସ୍ଥାରେ ରାଜନୈତିକ ନେତୃତ୍ୱ ଅମଲାତନ୍ତ୍ରକୁ ନିୟନ୍ତ୍ରଣ କରୁଛି ନା ଅମଲାତନ୍ତ୍ର ରାଜନୈତିକ ନେତୃତ୍ୱକୁ ? ଏ ପ୍ରଶ୍ନ କେହି କେହି ଉଠେଇଲେଣି । କିନ୍ତୁମୂଳ ପ୍ରଶ୍ନ ହେଲା, ଏ ପ୍ରକାର ସନ୍ଦେହର ଅବକାଶ ରହୁଛି କାହିଁକି ? ଏଥିପାଇଁ ଉଭୟ ଅମଲାତନ୍ତ୍ର ଏବଂ ରାଜନୈତିକ ନେତୃତ୍ୱ କିଛି କିଛି ପରିମାଣରେ ଦାୟୀ ନୁହନ୍ତି କି ?

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ବିରୋଧୀ ଦଳର ମାନ୍ୟବର ସଭ୍ୟମାନେ ସେଦିନ ବିଧାନସଭାରେ ଏ ବିଷୟରେ ଅଧିକ ଆଲୋଚନା ପାଇଁ ଦାବି କରୁଥିଲେ । ପ୍ରବଳ ପାଟିତୁଣ୍ଡ ଓ ହଟ୍ଟଗୋଳ ହେଲା । କେତେଜଣ ମାନ୍ୟବର ବିଧାୟକ ବନ୍ଧୁଙ୍କୁ କକ୍ଷତ୍ୟାଗ କରିବା ପାଇଁ ପଡ଼ିଲା । କିନ୍ତୁ ରବୀନ୍ଦ୍ର ମଣ୍ଡପର ଉତ୍ସବ ସମୟରେ ସେମାନେ ସବୁ କୁଆଡ଼େ ଥିଲେ ? ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ନ ରହିବାଟା ଗ୍ରହଣୀୟ କି ?

ସଂଖ୍ୟାଧିକ ବିଧାୟକ ଏବଂ ମନ୍ତ୍ରିମଣ୍ଡଳର ଅଧିକାଂଶ ସଭ୍ୟ ଅମଲାତନ୍ତ୍ର ଏବଂ ମୁଖ୍ୟ ଶାସନ ସଚିବଙ୍କ ପ୍ରତି ପ୍ରକାଶ୍ୟରେ ଏବଂ ଉଚ୍ଚସ୍ୱରରେ ଅନାସ୍ଥା ପ୍ରକଟ କଲେ । ବିଧାନସଭାର ସ୍ୱତନ୍ତ୍ର କମିଟୀ କ'ଣ ଏ ଅନାସ୍ଥାଭାବକୁ ଦୂର କରିପାରିବ ? ଏ ପରିସ୍ଥିତିରେ ଆମ ବ୍ୟବସ୍ଥା ବଞ୍ଚିବ କିପରି ?

ଶେଷପ୍ରଶ୍ନ ଏବଂ ଆମ ବିଗ୍ଭରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଲା, ସେଦିନ ରବୀନ୍ଦ୍ର ମଣ୍ଡପରେ ଯାହାସବୁ ଘଟିଲା ତାହା କ'ଣ ଆବଶ୍ୟକ ଥିଲା ? ଏହାକୁ କ'ଣ ସତରେ ଟଳେଇ ନିଆଯାଇ ପାରି ନଥାନ୍ତା ?

ଆମ ବ୍ୟବସ୍ଥାକୁ ଯେଉଁସବୁ ବ୍ୟାଧି ଆକ୍ରାନ୍ତ କଲାଣି, ଉପରୋକ୍ତ ପ୍ରଶ୍ନଗୁଡ଼ିକ ତା'ର ଏକ ଆତ୍ମିକ ପରିପ୍ରକାଶ ମାତ୍ର । ତାହା ନ ହୋଇଥିଲେ ସବୁକଥା ତ ଟଳେଇ ନିଆଯାଉଛି, ଏହାକୁ କ'ଣ ଚଳାଇ ନିଆଯାଇ ପାରିନଥାନ୍ତା ? ମାନ୍ୟବର ବିଧାୟକ ବନ୍ଧୁ ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କୁ ଟଳେଇ ନେଲେ । ବର୍ତ୍ତମାନ ବିଭିନ୍ନ କଲେଜରେ ହେଉଥିବା ଅବାରିତ କପି ଧର୍ତ୍ତବ୍ୟ ଅପରାଧ ହୋଇଥିବା ସତ୍ତ୍ୱେ ତାକୁ ମଧ୍ୟ ଟଳେଇ ନେଉଛନ୍ତି । କୋରାପୁଟ, କଳାହାଣ୍ଡି ଜିଲ୍ଲାର ଶତକଡ଼ା ୪୦ ଭାଗ ସରକାରୀ ପଦପଦବୀ ଖାଲିପଡ଼ିଛି- ତାହା ମଧ୍ୟ ଟଳେଇ ନିଆଯାଉଛି । ନିଯୁକ୍ତି, ପଦୋନ୍ନତି ଓ ଦରମାହାର ସବୁକିଛି ପ୍ରଶ୍ନ ତ କାମଚଳା ମନୋବୃତ୍ତିରେ ଟଳେଇ ନିଆଯାଉଛି । ରବୀନ୍ଦ୍ର ମଣ୍ଡପ କଥାଟାକୁ ମଧ୍ୟ କ'ଣ ସେହି ନ୍ୟାୟରେ ଟଳେଇ ନିଆଯାଇ ପାରିନଥାନ୍ତା ?

ଯେଉଁ ପ୍ରଶାସନିକ ବ୍ୟବସ୍ଥାରେ ନିଜର ମେଧା ଓ ଦକ୍ଷତା ପାଇଁ ମୋଟା ଦରମାରେ ନିଯୁକ୍ତ ମୁଖ୍ୟ ସଚିବମାନେ ସାଧାରଣ ଅଧ୍ୟାପକମାନଙ୍କୁ 'ଏତେ ବେଶୀ' ଦରମା ଦେବାରେ ଭ୍ରୂ-କୁଞ୍ଚନ ଓ କୁଣ୍ଠାବୋଧ କରୁଛନ୍ତି, ସେମାନେ କିପରି ଅନୁମାନ କରିପାରିଲେ ନାହିଁ ଯେ କ'ଣ ଘଟିବାକୁ ଯାଉଛି ! ଆଉ କାହାଠାରୁ ଆମେମାନେ ଆଶା କରିବା ଟିକିଏ ଅଧିକ ଦୂରଦୃଷ୍ଟି ଓ ସଚେତନତା ?

ଏ ପ୍ରକାର ଆତ୍ମିକ ପ୍ରଶ୍ନ ଉଠିବା ଆମ ବ୍ୟବସ୍ଥା ପାଇଁ ଏକ ଅଶୁଭ ସୂଚନା । ତା'ର ପ୍ରତିକାର ପାଇଁ ସରକାର ସଚେତନ ହୁଅନ୍ତୁ ।